REGIONAL NEWS UNIT, AIR CUTTACK

Morning Bulletin (7.05 AM)

24 November– 2026

ବୋଇତବନ୍ଦାଣ କାର୍ଯ୍ୟକ୍ରମ

ପ୍ରାଚୀନ ଉତ୍କଳୀୟ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

ପୁରୀ ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ବୋଇତ ଭସାଣ ହେଉଛି । ଭୁବନେଶ୍ୱର ବିନ୍ଦୁସାଗରରେ ମଧ୍ୟ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

କଟକ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି କଟକର ଐତିହାସିକ ବାଲିଯାତ୍ରା ଉତ୍ସବର ଉଦ୍‌ଘାଟନ କରିବେ । ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଁଞ୍ଚିବେ। କଟକଠାରେ ଚଳିତ ବର୍ଷର ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବା ପରେ ରାଷ୍ଟ୍ରପତି ଭୁବନେଶ୍ୱର ଫେରିଯିବେ। ଗସ୍ତର ଦ୍ୱିତୀୟ ଦିନ ଆସନ୍ତାକାଲି ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଡାକ୍ତର

ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେବେ ।

ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହେବ । ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି ।

ରାଜ୍ୟପାଳ–ଚିଲିକା ବୋଇତ ବନ୍ଦାଣ

ଖୋର୍ଦ୍ଧାଜିଲ୍ଲା ବାଲୁଗାଁ କଲେଜ ପଡିଆରେ ଆୟୋଜିତ ଚିଲିକା ବୋଇତ ବନ୍ଦାଣ ମହୋତ୍ସବକୁ ରାଜ୍ୟପାଳ ବ୍ରଜମୋହନ ରାମ ଉଦ୍‌ଘାଟନ କରିଛନ୍ତି । ଚିଲିକାର ପ୍ରାକୃତିକ ସମ୍ପଦ ସଂସ୍କୃତି ଓ ପରମ୍ପରାର ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ରାଜ୍ୟପାଳ କହିଛନ୍ତି । ବୋଇତବନ୍ଦାଣର ଗୌରବମୟ ପରମ୍ପରାରୁ ପ୍ରେରଣା ନେଇ ଯୁବପିଢ଼ି ଶିକ୍ଷା, ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ପର୍ଯ୍ୟଟନ ଓ ପରିବେଶ ସଂରକ୍ଷଣ ଆଦି କ୍ଷେତ୍ରରେ ନୂଆ ସଫଳତା ହାସଲ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ-ପାରାଦୀପ

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲରେ ସୂତାକଳ ପ୍ରତିଷ୍ଠା ହେବ ଏବଂ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପାରାଦୀପରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାକୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗତ୍‌ସିଂହପୁର ଜିଲ୍ଲା ଏବଂ ପାରାଦ୍ୱୀପ ଅଞ୍ଚଳ ଓଡ଼ିଶାର ଅଭିବୃଦ୍ଧିର ଇଞ୍ଜିନ୍ ହେବ । କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ନୀତି ଆୟୋଗଙ୍କ ମାର୍ଗ ଦର୍ଶନରେ ରାଜ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଇକୋନୋମିକ ରିଜିଅନ ନିର୍ମାଣ କରାଯାଉଛି । ଏହାସହିତ ଦେଶର ୪ଟି ପ୍ରମୁଖ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ପୁଞ୍ଜିନିବେଶ ଅଞ୍ଚଳ ମଧ୍ୟରୁ ପାରାଦ୍ୱୀପ ଅନ୍ୟତମ ବୋଲି ଶ୍ରୀ ମାଝୀ କହିଛନ୍ତି ।

ଆଇନ୍ ବିଲ୍

ଓଡ଼ିଶା ରଦ୍ଦକରଣ ବିଲ୍ ୨୦୨୬ ଗତକାଲି ବିଧାନସଭାରେ ଆଲୋଚନା ପରେ ପାରିତ ହୋଇଛି । ଏହାସହିତ ଆବଶ୍ୟକ ନଥିବା ୩ଶହ ୫୮ଟି ଆଇନ୍ ମଧ୍ୟ ରଦ୍ଦ କରିବା ନେଇ ବିଧାନସଭାର ସ୍ୱୀକୃତି ମିଳିଛି । ଆଇନ୍ ପ୍ରକ୍ରିୟାକୁ ସରଳ କରିବା ସହିତ ଆବଶ୍ୟକ ନଥିବା ଆଇନ୍‌ଗୁଡ଼ିକର ସଂଖ୍ୟା ହ୍ରାସ କରିବା ନେଇ ବିଭିନ୍ନ ବିଭାଗରୁ ୪୧୮ଟି ଆଇନ୍‌କୁ ରଦ୍ଦ କରିବା ପାଇଁ ଆଇନ୍ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା । ୩ଜଣିଆ କମିଟିର ସୁପାରିଶ ଅନୁସାରେ ୩୫୮ଟି ଆଇନ୍‌କୁ ରଦ୍ଦ କରାଯାଇଛି ।

ପୁଲିସ ପଦବୀ ଖାଲି

ରାଜ୍ୟରେ ୨୬ହଜାର ୧୦୧ଟି ପୋଲିସ ପଦବୀ ଖାଲି ପଡିଛି । ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ସମ୍ବଲପୁର ଜିଲ୍ଲା ପୁଲିସରେ ସର୍ବାଧିକ ୬୬୪ଟି ପଦବୀ ଖାଲି ଅଛି । ଦେବଗଡ ଜିଲ୍ଲାରେ ସବୁଠାରୁ କମ୍ ୧୫୬ ପଦବୀ ଖାଲି ଅଛି । କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସରେ ୧ହାଜର ୧୫୯ ପଦବୀ ଖାଲି ପଡିଥିବା ବିଧାନସଭା ତଥ୍ୟରୁ ଜଣାପଡିଛି ।

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ତଥ୍ୟ

ରାଜ୍ୟରେ ଗତ ୩ ବର୍ଷରେ ସଡ଼କ ଦୁର୍ଘଟଣାରେ ୧୮ହଜାର ୩୬୪ ଜଣଙ୍କର ମୃତ୍ୟୁ ହୋଇଛି । ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ୬ହଜାର ୪୮୩ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ୧୭ଟି ଜିଲ୍ଲାରେ ୩୮ଟି ଦୁର୍ଘଟଣାପ୍ରବଣ ଅଞ୍ଚଳରେ ହାଇଓ୍ୱେ ପାଟ୍ରୋଲିଂକୁ କଡାକଡି କରାଯାଇଛି ।

ଶ୍ରୀଜୀଉଙ୍କ ସୁନାବେଶ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହେଉଛି । ବଡଠାକୁର ଶ୍ରୀବଳଭଦ୍ର ହଳ-ମୂଷଳ ଓ ଚକ୍ର ଆୟୁଧ ଧାରଣ କରିବେ ।

ଦେବୀ ସୁଭଦ୍ରାଙ୍କୁ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ସହ ୨ଟି ଆୟୁଧ ତଥା ତଡଗି ଲାଗି କରାଯିବ ।

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କର ଗତକାଲି ବକାସୁର ସଂହାର ବେଶ ଅନୁଷ୍ଠିତ ହୋଇଯାଇଛି । ସାହାଣ ମେଳାରେ ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାବେଶ ହୋଇଥିଲା ।

ଭଦ୍ରକ ଜିଲ୍ଲା ଆରଡିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ମଣିବାବା ହରଗୌରୀ ଦିଗମ୍ବର ପଞ୍ଚାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

ନୂଆପଡା–ଉନ୍ମେଷ କାର୍ଯ୍ୟକ୍ରମ

ନୂଆପଡା ଜିଲ୍ଲାରେ ଦାଦନ ସମସ୍ୟାର ମୁକାବିଲା, ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ପଦକ୍ଷେପ ସ୍ୱରୂପ ନୂଆପଡା-ଉନ୍ମେଷ ଆରମ୍ଭ ହୋଇଛି । କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଅନ୍ୟା ଦାସ ଏହି ସମନ୍ୱିତ ଜନସଭାର ଗତକାଲି ଶୁଭାରମ୍ଭ କରିଛନ୍ତି ।